1959

ଅକ୍ଟୋବର 6

# ମୁନିସିପାଲ୍ ବୋର୍ଡ, ମୈନପୁରୀ

*ବନାମ*

# କହ୍ନେୟା ଲାଲ୍

(ପି. ବି. ଗଜେନ୍ଦ୍ରଗଡ଼କର ଏବଂ କେ. ସୁବ୍ବା ରାଓ, ନ୍ୟାୟାଧୀଶବୃନ୍ଦ)

*ପୌରପାଳିକା – ପଥକର - ପୌରପାଳିକା ସୀମା ମଧ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସାମଗ୍ରୀ ପରିବହନ କରୁଥିବା ଯାନ- ଦୟୀତ୍ୱ - ୟୁ. ପି. ପୌରପାଳିକା ଅଧିନିୟମ 1916 ( ୟୁ. ପି. 1916 ଅଧିନିୟମ ସଂଖ୍ୟା ii), ଧାରା 128 (1) (vii)।*

ଉତ୍ତରଦାତାଙ୍କୁ, ମୈନପୁରୀ ବୈଦ୍ୟୁତିକ ଯୋଗାଣ ଏବଂ ଜେନେରାଲ୍ ମିଲ୍ସ୍ କମ୍ପାନୀ ଲିମିଟେଡ୍ ଦ୍ୱାରା, କୋଇଲାକୁ ରେଳବାଇ ସାମଗ୍ରୀ କର୍ମଶାଳା ରୁ ଏହାର ପରିସର ମଧ୍ୟକୁ ପରିବହନ କରିବା ପାଇଁ ନିଯୁକ୍ତ କରାଯାଇଥିଲା । ସେ ତାଙ୍କ ଟ୍ରକ୍ରରେ, କୋଇଲା ସାମଗ୍ରୀ କର୍ମଶାଳାରୁ ଭର୍ତ୍ତି କରିଥିଲେ ଏବଂ ଏହାକୁ ବିଦ୍ୟୁତ କମ୍ପାନୀର ପରିସରକୁ ନେଉଥିଲେ, ଉଭୟ ପୌରପାଳିକାର ସୀମା କ୍ଷେତ୍ର ମଧ୍ୟରେ ଅବସ୍ଥିତ ଅଟନ୍ତି । ଟିକସ ପ୍ରତିବନ୍ଧରେ ତାଙ୍କୁ ଟିକସ ଦେବାକୁ କୁହାଯିବାରୁ, ସେ ଟିକସ ଦେବାକୁ ମନା କରିଦେଇଥିଲେ ଏବଂ ଅଧିନିୟମ 299 ([1]) ଅନୁଯାୟୀ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା । ସବ୍-ଡିଭିଜିନାଲ୍ ମାଜିଷ୍ଟ୍ରେଟ୍ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ 67/8 ଟଙ୍କା ଜରିମାନା ଦେବାକୁ ଦଣ୍ଡାଦେଶ ଦେଇଥିଲେ । ଆବେଦନ ପରେ, ଦୌରା ବିଚାରପତି ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶର ଆଦେଶକୁ ନିଶ୍ଚିତ କରିଥିଲେ । ଉଚ୍ଚ ନ୍ୟାୟାଳୟ, ପୁନଃନିରୀକ୍ଷଣ ପରେ , ଦଣ୍ଡାଦେଶକୁ ଅଗ୍ରାହ୍ୟ କରିଥିଲେ ଏବଂ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ପୌରପାଳିକା ବିଶେଷ ଅନୁମମତି ଦ୍ୱାରା ଏହି ଅଦାଲତରେ ଆବେଦନ କରିଥିଲେ ।

*ନିର୍ଣ୍ଣିତ ହୋଇଥିଲା,* ଯେ ଆବେଦନଟି ନିଶ୍ଚିତ ବିଫଳ ହେବ ।

ଅଧିନିୟମ 128 (vii) ସଠିକ୍ ଭାବରେ ବ୍ୟାଖ୍ୟା କରିଛି, ଏବଂ ସ୍ପଷ୍ଟ ଭାବରେ ସୂଚିତ କରେ ଯେ ପରିବହନ ଉପରେ ଟିକସ ଆଦାୟ କରିବାକୁ ପୌରପାଳିକା ବୋର୍ଡର କ୍ଷମତା କେବଳ ପୌରପାଳିକା ମଧ୍ୟକୁ ପ୍ରବେଶ କରୁଥିବା ଯାନବାହନ ମଧ୍ୟରେ ସୀମିତ ଅଟେ । ସେଥିରେ ଥିବା "ପୌରପାଳିକାରେ ପ୍ରବେଶ" ଶବ୍ଦଗୁଡ଼ିକ ଦର୍ଶାଏ ଯେ ଏକ ପରିବହନ ଯେତେବେଳେ ବାହାରୁ ପୌରପାଳିକା ମଧ୍ୟକୁ ପ୍ରବେଶ କରିବ, ସେତେବେଳେ ପଥକର ପାଇଁ ଦାୟୀ ହୋଇପାରିବ ।

[1] I.L.R.1953 T.C.69.

1959
ମୁନିସିପାଲ୍ ବୋର୍ଡ,
ମୈନପୁରୀ
*ବନାମ*
କହ୍ନୈୟା ଲାଲ୍
ନ୍ୟାୟମୂର୍ତ୍ତି ଗଜେନ୍ଦ୍ରଡ଼କର

**ଅପରାଧିକ ଆବେଦନ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 88/1958 ।**

1954ର ଅପରାଧିକ ମାମଲା ସଂଖ୍ୟା 20ରେ ମୈନପୁରୀ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀଙ୍କ 1954 ଜୁଲାଇ 13 ତାରିଖର ରାୟ ଏବଂ ଆଦେଶକୁ ନିଶ୍ଚିତ କରି 1954ର ଫୌଜଦାରୀ ଆବେଦନ ସଂଖ୍ୟା 291ରେ ମୈନପୁରୀ ଦୌରା ଜଜଙ୍କ 1954 ଡିସେମ୍ବର 17 ତାରିଖର ରାୟ ଏବଂ ଆଦେଶରୁ ଉଦ୍ଧୃତ ଅପରାଧିକ ପୁନର୍ନିରୀକ୍ଷଣ ସଂଖ୍ୟା 1955ର 54 ମାମଲାରେ 1957 ଅଗଷ୍ଟ 23 ତାରିଖରେ ପ୍ରଦାନ କରାଯାଇଥିବା ଆହ୍ଲାବାଦ ଉଚ୍ଚନ୍ୟାୟାଳୟଙ୍କ ରାୟ ଏବଂ ଆଦେଶରୁ ଏହି ଆବେଦନ ବିଶେଷ ଅନୁମତି ଦ୍ୱାରା ଆସିଛି ।

ଆବେଦନକାରୀଙ୍କ ପକ୍ଷରୁ ଏସ୍. ପି. ସିହ୍ନା ଏବଂ ବି. ଆର୍. ଏଲ୍. ଆୟେଙ୍ଗର ଆବେଦନ କରିଥିଲେ । ଉତ୍ତରଦାତା ହାଜର ହୋଇନଥିଲେ ।

1959 ଅକ୍ଟୋବର 6 ନ୍ୟାୟାଳୟଙ୍କ ଦ୍ୱାରା ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟମୂର୍ତ୍ତି ସୁବ୍ବା ରାଓ

ନ୍ୟାୟମୂର୍ତ୍ତି ସୁବ୍ବା ରାଓ - ଏହି ଆବେଦନଟି ୟୁ. ପି. ପୌରପାଳିକା ଅଧିନିୟମ 1916 ର ଧାରା 128, (ଏହା ପରେ ଏହାକୁ ଅଧିନିୟମ କୁହାଯାଏ) ର ପ୍ରକୃତ ବ୍ୟାଖ୍ୟାର ପ୍ରଶ୍ନ ଉଠାଏ । ତଥ୍ୟଗୁଡ଼ିକ ଏକ ଛୋଟ ପରିସୀମା ମଧ୍ୟରେ ରହିଛନ୍ତି ଏବଂ ସେଗୁଡ଼ିକ ବିବାଦରେ ନାହାନ୍ତି ।

ରାଜ୍ୟ ସରକାର ମୈନପୁରୀ ସହରର ପୌରପାଳିକା ସୀମା ନିର୍ଦ୍ଧାରଣ କରିବାକୁ ଯାଇ ଏକ ଅଧିସୂଚନା ଜାରି କରିଛନ୍ତି । ଏହି ଅଧିସୂଚନା ଅନୁଯାୟୀ ମୈନପୁରୀ ରେଳ ଷ୍ଟେସନର ସାମଗ୍ରୀ କାର୍ମଶାଳାକୁ ମୈନପୁରୀ ପୌରପାଳିକା ସୀମା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି, କିନ୍ତୁ ଅବଶିଷ୍ଟ ଷ୍ଟେସନକୁ ଏଥିରୁ ବାଦ ଦିଆଯାଇଛି । ଏକ ଯାନବାହାନ ଯାତାୟତ କରିପାରୁଥିବା ରାସ୍ତା ଷ୍ଟେସନକୁ ସହରର ମୁଖ୍ୟ ଜନବସତି ଅଞ୍ଚଳ ସହିତ ସଂଯୋଗ କରେ । ପୌରପାଳିକା ରେଳ ସାମଗ୍ରୀ କାର୍ମଶାଳା ଏବଂ ସହରର ଜନବସତି ଅଞ୍ଚଳ ମଧ୍ୟରେ ଥିବା ଏହି ରାସ୍ତାରେ ଏକ ପଥକର ପ୍ରତିବନ୍ଧ ସ୍ଥାପନ କରିଥିଲା | ମୈନପୁରୀ ବିଦ୍ୟୁତ ଯୋଗାଣ ଏବଂ ଜେନେରାଲ ମିଲ୍ସ କମ୍ପାନୀ ଲିମିଟେଡ, ମୈନପୁରୀ, ମୈନପୁରୀ ସହରକୁ ବିଦ୍ୟୁତ ଯୋଗାଣ କରିଥାଏ । ଏହା ମୈନପୁରୀ ବାହାରେ ଥିବା ସ୍ଥାନରୁ କୋଇଲା କିଣେ ଏବଂ ଏହାକୁ ରେଳ ୱାଗନ୍ ଦ୍ୱାରା ଗ୍ରହଣ କରେ, ଯାହାକି ସାମଗ୍ରୀ କାର୍ମଶାଳାରେ ଖାଲି କରି ରଖାଯାଇଥାଏ । ଉତ୍ତରଦାତାଙ୍କର ଏକ ଟ୍ରକ୍ ଅଛି । ସେ ଏହି କୋଇଲାକୁ ମାଲ ଗୋଦାମରୁ ସହର ଭିତରେ ଥିବା ବୈଦ୍ୟୁତିକ କମ୍ପାନୀର ପରିସରକୁ ନେବା

କାର୍ଯ୍ୟରେ ନିୟୋଜିତ ଥିଲେ । ସେ ତାଙ୍କ ଟ୍ରକରେ କୋଇଲା, ରେଳ ମାଲ ଗୋଦାମରେ ଭର୍ତ୍ତି କରିଥିଲେ ଏବଂ ଏହାକୁ ବିଦ୍ୟୁତ କମ୍ପାନୀ ପରିସରକୁ ନେଉଥିଲେ, ଯେତେବେଳେ ତାଙ୍କୁ ପଥକର ପ୍ରତିବନ୍ଧ ଫାଟକ ଟିକସ ଦେବାକୁ କୁହାଯାଇଥିଲା, କିନ୍ତୁ ସେ ତାହା ଦେଇନଥିଲେ । ତାଙ୍କ ବିରୋଧରେ ପଥକରର ଆକଳନ ଏବଂ ସଂଗ୍ରହ ନିୟମର ନିୟମ 1 ର ଅଧିନିୟମ 299 (1) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା । ଉତ୍ତରଦାତା ଟିକସ ପଇଠ କରିବାର ଦାୟୀତ୍ୱକୁ ମନା କରିଦେଇଥିଲେ । ସବ୍-ଡିଭିଜିନାଲ୍ ବିଚାରପତି ତାଙ୍କୁ ଉକ୍ତ ଧାରା ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ 67-8-0 ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଆବେଦନ ପରେ, ମୈନପୁରୀର ବିଦ୍ୱାନ ଦୌରା ନ୍ୟାୟାଧୀଶ ଏହାକୁ ନିଶ୍ଚିତ କରିଥିଲେ । ପୁନର୍ବିଚାର ପରେ, ଉଚ୍ଚନ୍ୟାୟାଳୟ ଦୋଷ ସାବ୍ୟସ୍ତକୁ ବାତିଲ କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ବିଶେଷ ଅନୁମତି ଦ୍ୱାରା ପୌରପାଳିକା ଏହି ଆବେଦନ କରିଛନ୍ତି ।

ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଏହି ଯୁକ୍ତି କରିନ୍ତି ଯେ ଅଧିନିୟମର ଧାରା 128 ଏବଂ ଏହା ଅଧୀନରେ ପ୍ରସ୍ତୁତ ହୋଇଥିବା ନିୟମ ଆଧାରରେ, ଉତ୍ତରଦାତା ଆରୋପିତ ଦୋଷରେ ଦୋଷୀ ଥିଲେ । ଯେହେତୁ ଉଠାଯାଇଥିବା ପ୍ରଶ୍ନ ଉକ୍ତ ବ୍ୟବସ୍ଥାଗୁଡ଼ିକର ବ୍ୟାଖ୍ୟା ଉପରେ ଆଧାରିତ, ଏହି ପର୍ଯ୍ୟାୟରେ ପ୍ରାସଙ୍ଗିକ ବ୍ୟବସ୍ଥାଗୁଡ଼ିକର ପଠନ ଉଲ୍ଲେଖ ଯୋଗ୍ୟ ହେବେ ।

ଧାରା 128. (i) ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ କୌଣସି ସାଧାରଣ ନିୟମ କିମ୍ବା ସ୍ୱତନ୍ତ୍ର ଆଦେଶର ବଶବର୍ତ୍ତୀ ରହି, ପୌରପାଳିକାଙ୍କ ଦ୍ୱାରା ସମ୍ପୂର୍ଣ୍ଣ କିମ୍ବା କୌଣସି ଭାଗରେ ଲାଗୁ କରାଯାଉଥିବା ଥିବା ଟିକସ ଗୁଡିକ ହେଉଛି -

(vii) ନଗରପାଳିକାରେ ପ୍ରବେଶ କରୁଥିବା ଯାନବାହନ ଏବଂ ଅନ୍ୟାନ୍ୟ ପରିବହନ, ପଶୁ ଏବଂ ବୋଝେଇ କୁଲି ଉପରେ ଲାଗୁଥିବା ପଥକର ।

ଧାରା 153 ଆଧାରରେ, କେବଳ ଏହି ଅଧିଅଧିନିୟମ ଦ୍ୱାରା କରାଯାଇଥିବା ବ୍ୟବସ୍ଥା ଅନୁଯାଇ, ନିମ୍ନଲିଖିତ ବିଷୟଗୁଡିକ ନିୟନ୍ତ୍ରିତ ଏବଂ ପରିଚାଳିତ ହେବ, ଯଥା -

(କ) ଟିକସର ଆକଳନ, ସଂଗ୍ରହ କିମ୍ବା ସଂଯୋଜନ, ଏବଂ, ଶୁଳ୍କ କିମ୍ବା ପଥକର କ୍ଷେତ୍ରରେ, ଏଗୁଡିକର ସୀମା ନିର୍ଦ୍ଧାରଣ କରିବା ।

***ମୈନପୁରୀ ପୌରପାଳିକା ଦ୍ୱାରା ପ୍ରସ୍ତୁତ ନିୟମ।***

ନିୟମ 1 "। କୌଣସି ବ୍ୟକ୍ତି ମୈନପୁରୀ ପୌରପାଳିକାର ସୀମାକ୍ଷେତ୍ର ମଧ୍ୟକୁ ନିମ୍ନୋକ୍ତ ବସ୍ତୁ ଆଣିବେ ନାହିଁ -

କୌଣସି ବୋଝ ଭର୍ତ୍ତି ଯାନ କିମ୍ବା ବୋଝ ଲଦା ପଶୁ, ଯାହା ଉପରେ 31 ଜାନୁଆରୀ, 1921ର ଅଧିସୂଚନା ସଂଖ୍ୟା 1866/XXIII-97 ଅନୁଯାୟୀ ପଥକର ଲାଗୁ ହେବ, ଏବଂ ବୋର୍ଡ ଦ୍ୱାରା ସମୟ ସମୟରେ ନିର୍ଦ୍ଧାରିତ କରାଯାଉଥିବା ଥିବା ଟିକସକୁ, ପ୍ରତିବନ୍ଧ ଫାଟକ ଗୁଡିକରେ ନିଯୁକ୍ତ ବ୍ୟକ୍ତିମାନଙ୍କ ନିକଟରେ ପଇଠ କରିବାକୁ ହେବ ।

*ନିୟମ* 3 "। ଯେତେବେଳେ କୌଣସି ବୋଝରେ ଭର୍ତ୍ତି କୁଲି କିମ୍ବା ବୋଝରେ ଭର୍ତ୍ତି ଯାନର ଦାୟିତ୍ୱରେ ଥିବା କୌଣସି ବ୍ୟକ୍ତି, କିମ୍ବା ବୋଝରେ ଭର୍ତ୍ତି ପଶୁ ବ୍ୟାରିଅର୍ ଅତିକ୍ରମ କରିବାକୁ ଇଚ୍ଛା କରନ୍ତି, ସେତେବେଳେ ସେହି କୁଲି କିମ୍ବା ବ୍ୟକ୍ତି ପ୍ରତିବନ୍ଧ ଫାଟକ ଠାରେ ମୋହରିର୍ରଙ୍କୁ ଦେୟ ପଇଠ କରିବେ ।

ଏହି ନିୟମଗୁଡିକର କୌଣସି ଉଲଂଘନ ଧାରା 299 (1) ଅନୁଯାୟୀ ଏକ ଅପରାଧ ଅଟେ, ଏବଂ ନିୟମର ଦଣ୍ଡ ଧାରା ଅନୁଯାୟୀ ନିମ୍ନୋକ୍ତ ଶବ୍ଦ ଅନୁଯାଇ ଦଣ୍ଡନୀୟ ଅଟେ ।

ଉପରୋକ୍ତ ନିୟମ ୧,୨,୩ ଏବଂ ୪ ର ଉଲଂଘନ, ଜୋରିମାନା ସହିତ ଦଣ୍ଡନୀୟ ହେବ ଯାହା 50 ଟଙ୍କା ପର୍ଯ୍ୟନ୍ତ କିମ୍ବା କୌଣସି ସ୍ଥିତିରେ ଟିକସ ଦ୍ୱାରା ଅପରାଧୀଙ୍କ ଠାରୁ ବକେୟା ଥିବା ରାଶିର ଦଶ ଗୁଣରୁ କମ୍ ହେବ ନାହିଁ ।

ଉକ୍ତ ବ୍ୟବସ୍ଥା ଗୁଡିକର ମିଳିତ ପଠନରୁ ଅପରାଧର ନିମ୍ନଲିଖିତ ଉପାଦାନ ସଂଗ୍ରହ କରାଯାଇପାରେ :( 1) ଯାନବାହନ ଉପରେ ପଥକର ରହିଛି; (2) ଜଣେ ବ୍ୟକ୍ତି ବାହାର ଅଞ୍ଚଳରୁ ପୌରପାଳିକାର ସୀମା କ୍ଷେତ୍ର ମଧ୍ୟକୁ ନିର୍ଦ୍ଧାରିତ ମାହାସୁଲ ଟିକସ ପ୍ରଦାନ ନକରି ଏକ ବୋଝେଇ ଯାନ ଆଣିପାରିବେ ନାହିଁ; (3) ଏହିପରି ଯାନର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ପ୍ରତିବନ୍ଧ ଫାଟକରେ ପଥକର ଦେବାକୁ ପଡିବ; ଏବଂ (4) ଯଦି ସେ ଦେୟ ନ ଦିଅନ୍ତି, ତେବେ ସେ ଦଣ୍ଡନୀୟ ହେବେ । ବ୍ୟବସ୍ଥାଗୁଡ଼ିକର ଶବ୍ଦାବଳୀରୁ ଏହା ସ୍ପଷ୍ଟ ଯେ ଏଗୁଡ଼ିକ, ବାହାରୁ ପୌରପାଳିକା ସୀମା କ୍ଷେତ୍ର ମଧ୍ୟକୁ ପ୍ରବେଶ କରୁଥିବା ବୋଝ ଭର୍ତ୍ତି ଯାନବାହାନରୁ ଟିକସ ସଂଗ୍ରହ କରିବା ପାଇଁ ପରିକଳ୍ପନା କରାଯାଇଛି । ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ କୌଣସି ସାଧାରଣ ନିୟମ କିମ୍ବା ସ୍ୱତନ୍ତ୍ର ଆଦେଶର ବଶବର୍ତ୍ତୀ ରହି, ଅଧିନିୟମର ଧାରା 128 (vii) ଅନୁଯାୟୀ ପରିବହନ ଉପରେ ପଥକର ଆଦାୟ କରିବା ପାଇଁ ପୌରପାଳିକା ବୋର୍ଡର କ୍ଷମତା କେବଳ " ପୌରପାଳିକାରେ ପ୍ରବେଶ କରୁଥିବା" ଲୋକଙ୍କ ମଧ୍ୟରେ ସୀମିତ | ଅଧିନିୟମର ଧାରା 128 (vii) ଅନୁଯାଇ

"ପ୍ରବେଶ" ଶବ୍ଦଟି ସ୍ପଷ୍ଟ ଭାବରେ ସୂଚିତ କରେ ଯେ ପଥକର ପାଇଁ ଦାୟୀ ହେବାକୁ ଥିବା ପରିବହନ ଯାନ ଏହାର ବାହାର ସ୍ଥାନରୁ ପୌରପାଳିକା ମଧ୍ୟକୁ ପ୍ରବେଶ କରିବା ଆବଶ୍ୟକ । ଏହା କୌଣସି ଭାଷାର ଅର୍ଥ ଦ୍ୱାରା ବୋଧଗାମ୍ୟ ନୁହେଁ ଯେ ଏକ ଯାନ ଯାହା ପୂର୍ବରୁ ପୌରପାଳିକାର ସୀମାରେ ଅଛି, ଯେତେବେଳେ ଏହା ଭଡ଼ା ପାଇଁ ସାମଗ୍ରୀ ବୋଝେଇ କରେ, ଏହା ପୌରପାଳିକା ସୀମା କ୍ଷେତ୍ରରେ ପ୍ରବେଶ କରିବାକୁ ବୁଝାଏ । ସେହିପରି, ନିୟମ(୧) ରେ "ମୈନପୁରୀ ପୌରପାଳିକାର ସୀମା ମଧ୍ୟକୁ ଆଣିବା" ଶବ୍ଦଗୁଡ଼ିକ ଏହି ଧାରଣା ଉପରେ ଗୁରୁତ୍ୱାରୋପ କରେ ଯେ ବକେୟା ପଥକର ପ୍ରଦାନ ନହେବା ପର୍ଯ୍ୟନ୍ତ ଏକ ବୋଝଯୁକ୍ତ ଯାନ ପୌରପାଳିକା ମଧ୍ୟକୁ ଅଣାଯାଇପାରିବ ନାହିଁ । ପୂର୍ବରୁ ପୌରପାଳିକାରେ ଥିବା କୌଣସି ଯାନକୁ କେହି ପୌରପାଳିକା ଭିତରକୁ ଆଣିପାରିବେ ନାହିଁ । ଉଭୟ ଧାରା ତଥା ନିୟମରେ ବ୍ୟବହୃତ ସ୍ପଷ୍ଟ ପରିଭାଷାକୁ ଆଧାର କରି, ଆବେଦନକାରୀଙ୍କ ପକ୍ଷରୁ ବିଦ୍ୱାନ ଓକିଲ ଯୁକ୍ତି ଉପସ୍ଥାପନ କରିବାକୁ ଚେଷ୍ଟା କରିଥିଲେ ଯେ "ମୈନପୁରୀ ପୌରପାଳିକା" ଶବ୍ଦ ସେହି ପୌରପାଳିକାର କିଛି ଅଂଶକୁ ସୂଚିତ କରିବାକୁ ବ୍ୟାପକ ଅଟେ ଏବଂ ତେଣୁ, ଯେତେବେଳେ ଏକ ବୋଝେଇ ଯାନ ପୌରପାଳିକାର ଗୋଟିଏ ଭାଗରୁ ଅନ୍ୟ ଭାଗକୁ ଯାଆନ୍ତି, ଯଦି ଦୁଇଟି ଅଂଶ ମଧ୍ୟରେ ପ୍ରତିବନ୍ଧକ ଥାଏ ତେବେ ଏହାକୁ ଟିକସ ଦେବାକୁ ପଡିବ । ଏହି ତର୍କ ବୋଧହୁଏ କୌଶଳପୂର୍ଣ୍ଣ ହୋଇପାରେ, କିନ୍ତୁ ଆମ ମତରେ ଏହା ସ୍ପଷ୍ଟ ଭାବରେ ଅଯୌକ୍ତିକ | ଯେତେବେଳେ କୌଣସି ଯାନକୁ ପୌରପାଳିକାର ଗୋଟିଏ ଭାଗରୁ ଅନ୍ୟ ଏକ ଭାଗକୁ ଅଣାଯାଏ, ସେତେବେଳେ ତାହାକୁ ପୌରପାଳିକାର ସୀମା କ୍ଷେତ୍ରକୁ ପ୍ରବେଶ କରାଇବା ପ୍ରକାଶ କରିବା ପ୍ରାୟ ଅସମ୍ଭବ ବୋଲି ଆମେ ଅନୁଭବ କରୁ ।

ଫଳସ୍ୱରୂପ, ଉଚ୍ଚ ନ୍ୟାୟାଳୟ ଦ୍ୱାରା ଏହି ଧାରା ଉପରେ କରାଯାଇଥିବା ସଂରଚନା ସହିତ ଆମେ ସହମତ । ଆବେଦନଟି ବିଫଳ ହୋଇଛି ଏବଂ ଖାରଜ କରାଯାଇଛି ।

*ଆବେଦନଟି ଖାରଜ ହେଲା ।*

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ମଦନ ମୋହନ ଭୂୟାଁ
ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।